M. A. IN ODIA
1st Semester, Paper : ODI-104

# ସ୍ୱୈରବାଦ (Romanticism)


## Dr. Prahallad Khilla
Assistant professor
P.G. Department of Language and Literature
F.M. University, Balasore


ସ୍ନାତକୋତ୍ତର ଓଡ଼ିଆ ପ୍ରଥମ ବର୍ଷ ବିଦ୍ୟାର୍ଥୀ ମାନଙ୍କ ଶ୍ରେଣୀ ପାଠ ଦାନ ନିମିତ୍ତ ପ୍ରସ୍ତୁତ ବିଷୟ ରୂପରେଖ ।

# ରୋମାଣ୍ଟିକବାଦ:

- ସୂଚନା
- କ୍ଲାସିକ ଓ ରୋମାଣ୍ଟିକ ଭାବାଦର୍ଶ
- ପରିଭାଷା ଓ ସ୍ୱରୂପ
- ପୃଷ୍ଠଭୂମି
- ରୋମାଣ୍ଟିକ ଚେତନାର ପୁନରଭ୍ୟୁଦୟ
- ବୈଶିଷ୍ଟ୍ୟ/କାବ୍ୟାଦର୍ଶ/ଉପାଦାନ
- ଓଡ଼ିଆ ରୋମାଣ୍ଟିକ କାବ୍ୟଧାରା
- ନିଷ୍କର୍ଷ

Prahallad Khilla

# ସ୍ୱୈରବାଦ (Romanticism)

- ଫରାସୀ ଶବ୍ଦ **ROMANZ** ରୁ **ROMANTIC** ଶବ୍ଦ ଆଗତ
- **ROMANZ** ଅର୍ଥ: ଅପମାର୍ଜିତ ଭାଷାରେ ରଚିତ ଗ୍ରାମୀଣ ସାହିତ୍ୟ, ଅବାସ୍ତବ ସ୍ୱପ୍ନ କାହାଣୀ, କଳ୍ପନା ପ୍ରବଣ ସର୍ଜନଶୀଳତା , ଗାଲଗଳ୍ପ ଇତ୍ୟାଦି
- **1797** ରେ ପ୍ରଥମେ **Friedrich Von Schegel** ଏହି ଶବ୍ଦ ବ୍ୟବହାର କରିଥିବାର ଜଣାଯାଏ
- ପ୍ରଥମେ **Romantic** ଚେତନାକୁ **Classic** ର ବିପରୀତ ଚେତନା ଦୃଷ୍ଟିରୁ ବିଚାର କରି ନିମ୍ନ ଧରଣର ସାହିତ୍ୟ ରୂପେ ଗ୍ରହଣ କରାଯାଉଥିଲା

# କ୍ଲାସିକ ଓ ରୋମାଣ୍ଟିକ:

**କ୍ଲାସିକ :**

- ଗୁରୁଗମ୍ଭୀରତା
- ବାସ୍ତବତା
- ଯୁକ୍ତି ନିର୍ଭରଶୀଳତା
- ସର୍ବଜନୀନତା
- ଶୃଙ୍ଖଳାବୋଧ
- ଯେତେବେଳେ କବି ତାର ବିଚିତ୍ର ମାନବୀୟ ଅନୁଭବକୁ ସଂଯତ, ସଂହତ, ଧୀରସ୍ଥିର ଭାବରେ ପ୍ରକାଶ କରିଛି, ସେଠି ସାହିତ୍ୟ କୃତି ହୋଇଛି classic.

**ରୋମାଣ୍ଟିକ :**

- ଲଘୁଧର୍ମୀତା
- ଅବାସ୍ତବତା
- କଳ୍ପନା ପ୍ରବଣତା
- ବ୍ୟକ୍ତି କୈନ୍ଦ୍ରିକତା
- ସ୍ବଚ୍ଛନ୍ଦତା/ ବିଶୃଙ୍ଖଳ
- ଶିଳ୍ପୀ ଯେଉଁଠି ଆବେଗ ପ୍ରବଣତା ବଶତଃ ଅହେତୁକ ସୌନ୍ଦର୍ଯ୍ୟ ବୋଧରେ ଉଦ୍ଦୀପ୍ତ ହୋଇ ଦୃଶ୍ୟ ଓ ଅଦୃଶ୍ୟ, ଭାବ ଓ ଆଦର୍ଶ, ସତ୍ୟ ଓ ସୌନ୍ଦର୍ଯ୍ୟର ମିଳନ ଘଟାଇଛି, ସେଇଠି କବି କୃତି ହୋଇଛି Romantic.

# ପରିଭାଷା ଓ ସ୍ୱରୂପ:

- ପ୍ରକୃତି ରାଜ୍ୟକୁ ପ୍ରତ୍ୟାବର୍ତ୍ତନ – **Rousseau**
- ଆବେଗପୂର୍ଣ୍ଣ ବିଷର୍ଣ୍ଣତା – **Phelps**
- ନବଜୀବନର ବିସ୍ମୟ – **Theodore Watts Dunton**
- ସୌନ୍ଦର୍ଯ୍ୟ ସହିତ ବିସ୍ମୟର ମିଶ୍ରଣ – **Walter Peter**
- ସୁଦୂରର ମୋହ, ନିସଙ୍ଗ ଅସହାୟତା, ସ୍ୱପ୍ନ ଭଙ୍ଗ, ବିପର୍ଯ୍ୟୟ, ଆବେଗ ପ୍ରବଣତା, ବିସାବାଦ ଆଦି ମାନବୀୟ ଅନୁଭବ ସହିତ କଳ୍ପନାର ସର୍ବତୋମୁଖୀ ଭାବ ଅନୁସାରୀ ବିବିଧ ଗୁଣାବଳୀ ପରିଲକ୍ଷିତ କାବ୍ୟ ଚେତନା ଏବଂ ଅଲୌକିକ, ଦୁଃସାହସିକ ଅଭିଯାନ, ଅଜ୍ଞାତ ଓ ଅଲଭ୍ୟ ଲାଗି ଅତୃପ୍ତ ଅଭିଳାଷ ମୂଳକ କାବ୍ୟାଦର୍ଶ ହେଉଛି ରୋମାଣ୍ଟିକ ବାଦ – **A.F. Scott**

Prahallad Khilla

- ସାହିତ୍ୟରେ ଉଦାର ପ୍ରାଣତା (Sublimity in literature – Victor Huge)
- "The word 'Romantic' has been used so often and for somany purpose that it is impossible to confine it to any single meaning, still less to attempt a new definition of it." ( The Romantic imagination – Sir Mourice Bowra- p.271)

ଇଂରାଜୀ ସାହିତ୍ୟରେ ରୋମାଣ୍ଟିକ ଚେତନାର ପ୍ରଥମ ପ୍ରକାଶ ଘଟିଥିଲା ଏଲିଜାବେଥ ଯୁଗରେ, ଅର୍ଥାତ୍ ଷୋଡ଼ଶ ଶତାବ୍ଦୀରେ। ଇଂରାଜୀ ସାହିତ୍ୟରେ ରୋମାଣ୍ଟିକ ଚେତନାର ପୁନରାବିର୍ଭାବ ଘଟେ 1798 ମସିହାରେ I ଏହି ବର୍ଷ ଇଂରାଜୀ କବି Wardsworth ଓ Coleridge ଙ୍କ ମିଳିତ ଉଦ୍ୟମରେ Lytical Ballads ର ପ୍ରକାଶ ରୋମାଣ୍ଟିକ ଯୁଗର (Romantic Revival)ଅଭ୍ୟୁଦୟ ଘଟାଇଲା। ଏହାର ଦୁଇ ବର୍ଷ ପରେ 1800 ମସିହାରେ Lyrical Ballads ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଲା। ଏହାର ଭୂମିକାରେ/ ମୁଖବନ୍ଧରେ ପ୍ରକାଶିତ Wardsworth ଙ୍କ କାବ୍ୟାଦର୍ଶ – "Poetry is the spontaneous overflow of powerful feelings, emotions recollected in tranquility." Romantic ଭାବଧାରାରେ କବି ମାନଙ୍କୁ ଉଦବୁଦ୍ଧ କଲା ଓ ପଥ ପ୍ରଦର୍ଶକ ରୂପେ ଗୃହୀତ ହେଲା I

1798 ରୁ 1830 ପର୍ଯ୍ୟନ୍ତ ଦୀର୍ଘ 32 ବର୍ଷ ରୋମାଣ୍ଟିକ କାବ୍ୟଧାରା ଇଂରାଜୀ ସାହିତ୍ୟରେ ଗୁରୁତ୍ୱ ଲାଭ କରିଥିଲା ଏବଂ ବହୁ କବିଙ୍କୁ ପ୍ରସିଦ୍ଧି ଆଣିଦେଲା I

# A. ୱାର୍ଡସୱାର୍ଥ୍ ଓ  ଅନୁଗାମୀ କବି :

**କବି:**

- ୱାର୍ଡସୱାର୍ଥ୍
- କଲେରିଜ୍
- ଗ୍ରସ୍ ମେରେ
- କ୍ରାବେ
- କ୍ଲାରେ

**କାବ୍ୟାଦର୍ଶ :**

- ଦୃଶ୍ୟମାନ ପ୍ରକୃତି ଓ ମନୁଷ୍ୟର ଅନ୍ତଃ ପ୍ରକୃତି ମଧ୍ୟରେ ମଧୁର ସମନ୍ୱୟ ପ୍ରତିଷ୍ଠା

# B.ସ୍କଟ ଓ ଅନୁଗାମୀ କବି:

**କବି:**

- ସ୍କଟ
- କାମ୍ପ ବେଲ୍
- ମୁର୍
- ସାଉଦି

**କାବ୍ୟାଦର୍ଶ :**

- ମଧ୍ୟଯୁଗୀୟ ବର୍ଣ୍ଣନା କୌଶଳ ଅନୁକ୍ରମ ରେ କବିତାର ପ୍ରକରଣ ପ୍ରସ୍ତୁତ କରିବା

Prahallad Khilla

# C. ଶେଲୀ ଓ ଅନୁଗାମୀ କବି:

**କବି:**

- ଶେଲୀ
- ବାଇରନ୍
- କୀ ଟ୍ସ୍

**କାବ୍ୟାଦର୍ଶ:**

- ସୌନ୍ଦର୍ଯ୍ୟର ଉପାସନା
- ସ୍ୱାଧୀନ ଚେତନାର ଉପସ୍ଥାପନା

# ପୃଷ୍ଠଭୂମି:

- ଫରାସୀ ଦାର୍ଶନିକ ରୁଷୋ(1713 - 1788) ଙ୍କ ଦାର୍ଶନିକ ଚିନ୍ତାଧାରା **। Social contact theory. Sentimentalism, Primivism, Individualism** ରେ ମାନବର ମହା ମହିମତ୍ୱ ଭୋଷଣା।
- ଫରାସୀ ବିପ୍ଳବ
- ଦାର୍ଶନିକ କାଣ୍ଟ୍ ଓ ହେଗେଲ୍ ଙ୍କ ଭୂମିକା
- ତତ୍ କାଳୀନ ଇଂଲଣ୍ଡର ସାମାଜିକ ଓ ରାଜନୈତିକ ପରିସ୍ଥିତି
- ଅଗଷ୍ଟାଇନ୍ ଯୁଗର କ୍ଲାସିକାଲ କାବ୍ୟାଦର୍ଶର ପ୍ରତିକ୍ରିୟା

# ବୈଶିଷ୍ଟ୍ୟ:

- କଳ୍ପନା ପ୍ରବଣତା
- ପ୍ରେମାନୁରାଗ ଓ ବିଷାଦବୋଧ
- ପ୍ରକୃତି ପ୍ରତି ଅନୁରାଗ
- ଶୈଶବ ପ୍ରୀତି (ଶିଶୁ ସୁଲଭ ବିସ୍ମୟ ବୋଧ, ଉତ୍କଣ୍ଠା, ଜିଜ୍ଞାସୁ ମନୋବୃତ୍ତିର ଝଲକ)
- ବାର୍ଦ୍ଧକ୍ୟ ଭୀତି( ପୀଡ଼ା ଦାୟକ ବାର୍ଦ୍ଧକ୍ୟ ଓ ମୃତ୍ୟୁ ଚିନ୍ତାରେ ରୋମାଣ୍ଟିକ କବି ବ୍ୟଥିତ)
- ରହସ୍ୟ ବାଦୀ ଦୃଷ୍ଟିଭଙ୍ଗୀ
- ବ୍ୟକ୍ତି କୈନ୍ଦ୍ରିକ ଚିନ୍ତାଧାରା
- ସୌନ୍ଦର୍ଯ୍ୟବୋଧ

Prahallad Khilla

# ଓଡ଼ିଆ କବିତାରେ ରୋମାଣ୍ଟିକ ଚେତନା:

- ଊନବିଂଶ ଶତାବ୍ଦୀର ଦ୍ୱୀତୀୟାର୍ଦ୍ଧରେ କବି ରାଧାନାଥ ରାୟଙ୍କ କାବ୍ୟ କବିତାରେ ପ୍ରକୃତି ଅନୁରାଗ, ଐତିହ୍ୟ ପ୍ରତି ମୋହ, ସୌନ୍ଦର୍ଯ୍ୟ ବୋଧ, ବିଳାସୀ ମନର ବେଦନା ଓ ବିଷାଦବୋଧ ଅତି ଚମତ୍କାର ଭାବରେ ଉପସ୍ଥାପିତ ହୋଇ ତା ଙ୍କୁ ରୋମାଣ୍ଟିକ କବି ଗୌରବ ପ୍ରଦାନ କରିଛି
- ଓଡ଼ିଆ ସାହିତ୍ୟର ସବୁଜ କାବ୍ୟ ଧାରାରେ ରୋମାଣ୍ଟିକ ବାଦର ପୂର୍ଣ୍ଣାଙ୍ଗ ବିକାଶ/ ପ୍ରୟୋଗ ଘଟିଛି ।
- ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠ ନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ ସବୁଜ କାବ୍ୟ ଧାରାର ବରେଣ୍ୟ ରୋମାଣ୍ଟିକବାଦି କବି ।
- ସବୁଜ ସମସାମୟିକ ଅନ୍ୟ କବି ମାନଙ୍କ ମଧ୍ୟରେ କବି ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ ପ୍ରମୁଖଙ୍କ କବିତାରେ ରୋମାଣ୍ଟିକ ଚେତନାର ଯଥାଯଥ ପ୍ରୟାଗ ଘଟିଛି ।

# ନିଷ୍କର୍ଷ:

- କ୍ରମଶଃ ରୋମାଣ୍ଟିକ ବାଦ ଏକ ଗତାନୁଗତିକ ସାହିତ୍ୟ କୃତି ରେ ପରିଣତ ହୋଇ ପାଠକୀୟ ଆଦର ହରାଇଲା ।
- ସମସ୍ୟା ବହୁଳ ବାସ୍ତବ ଜୀବନରେ କଳ୍ପନା ବିଳାସୀ ସାହିତ୍ୟ ସର୍ବଦା ପାଠକ ଭାବ ମାନସର ନିକଟତର ହୋଇପାରିଲା ନାହିଁ ।
- ସାହିତ୍ୟରେ ବାସ୍ତବବାଦୀ ଚେତନା ରୂପାୟିତ ହେବା ଫଳରେ ରୋମାଣ୍ଟିକ ବାଦ ନିଃସ୍ପ୍ରଭ ହେଲା ।
- ରୋମାଣ୍ଟିକ ବାଦ ପାଠକକୁ/ ବ୍ୟକ୍ତିକୁ ପାର୍ଥିବ ଜୀବନର ସ୍ଥୂଳତାରୁ ମାନସିକ ଜଗତର ସୂକ୍ଷ୍ମ ରହସ୍ୟ ଅଭିମୁଖେ ଆକର୍ଷଣ କରିଥାଏ । ତେଣୁ ରୋମାନ୍ସ ବା ରୋମାଣ୍ଟିକ କହିଲେ କେବଳ ଯୌନ ମିଳନ ଅଥବା ସେଥି ନିମିତ୍ତ ପ୍ରଯତ୍ନ ଅର୍ଥରେ ଗ୍ରହଣ କରିବା ସତ୍ୟର ଅପଳାପ ହେବ ।